## ଜାତୀୟ ଭୋଟର ଦିବସ

**ମଞ୍ଜୁରୀରୋଡ୍,୨୫ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହା ସହିତ ୧୨୦ଟି ବୁଥରେ ମଧ୍ୟ ଭୋଟର ଦିବସ ପାଳନ ହୋଇଛି। ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ନିରପେକ୍ଷ ଭୋଟ ଦାନ ଜରୁରୀ ବୋଲି ଭୋଟର ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ସମସ୍ତ କର୍ମ.ରୀ ମାନେ ଏନେଇ ଶପଥ ପାଠ କରିଛନ୍ତି। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଉପ ବିଭାଗୀୟ ଅଧିକାରୀ ଫିରଦୋଶ ଆଲାମ, ଅମଲା ଲଛମନ ସୋରେନ, ସିପି ପଦ୍ମଲୋଚନ ରାଉତ, ସାମାଜିକ ଅଧିକାରିଣୀ ସାନ୍ତ୍ୱନା ଦାସ, ପିଇଓ ନରେନ୍ଦ୍ର ରାଉତ, ଗୋପାଳ ପଣ୍ଡା, ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶପଥପାଠ କରିଥିଲେ।।

## ଜାତୀୟ ସେବା ଶିବିର

**ଅସୁରାଳି,୨୫ ।୧(ସମିସ):** ମା' ଶାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ମ ଦିବସରେ ଅଧ୍ୟାପକ ଶ୍ରୀଧର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଜାତୀୟ ସେବା ଯୋଜନାର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଡ. ବଶ୍ୱମୋହନ ଜେନା ଯୋଗ ଦେଇ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧକ୍ଷା ପ୍ରାଧାପିକା ପୁଷ୍ପାଞ୍ଜଳି ରାଉତ ମାନବ ସେବା ହିଁ ମାଧବ ସେବା ରେ ଛାତ୍ରଛାତ୍ରୀ ମାନଙ୍କୁ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସମାନିତ ଅତିଥି ଭାବେ ଅଧାପକ ରବୀନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେଏହି ଅବସରରେ ମୁଖ୍ୟ ଅତିଥି ବିଶ୍ୱମୋହନ ଜେନା ଙ୍କୁ ବିଦ୍ୟାଳୟ ତରଫରୁ ଚଳିତବର୍ଷ ପାଇଁ ଶାରଦା ସମ୍ମାନ ରେ ସମ୍ମାନିତ କରା ଯାଇଥିଲା। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ରାଜଶ୍ରୀ ଦାସ, ଶୁଭଶ୍ରୀ ପଣ୍ଡା, ରଚନା ନାୟକ ପ୍ରମୁଖ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

## 'ଶିଶୁଟିଏ ଅନନ୍ତ ସମ୍ଭାବନାର ଉତ୍ସ'

**ଚାନ୍ଦବାଲି,୨୫ ।୧(ସମିସ):** ଦୋସିଙ୍ଗା ବାଲିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଛଫ ଏହି ଅବସରରେ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ କରାଯାଇଛି। ଉକ୍ତ ଉତ୍ସବରେ ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ସିଆରସିସି ଧନପତି ମାନ୍ନା, ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ଦାଶ, ସ୍କୁଲ ପରି.ଳନା କମିଟି ସଭାପତି ସୁକୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଶିଶୁଟିଏ ସୁସଂସ୍କୃତ ହେଲେ ସୁସଂସ୍କୃତ ରାଷ୍ଟ୍ର ଗଠନ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶିଶୁଟିଏ ଅନନ୍ତ ସମ୍ଭାବନାର ଉତ୍ସ ହୋଇଥାଏ। ଶିଶୁ ହିଁ ନବ ବିଶ୍ୱ ନିର୍ମାଣର ଭିତ୍ତିଭୂମି ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି ଅତିଥି ବୃନ୍ଦ। ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମମତାରାଣୀ ବାଗ ବାର୍ଷିକ ବିବରଣୀ ପଠନ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିଶୁ ହସିଲେ ଦୁନିଆ ହସେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ତମାମ କାର୍ଯ୍ୟକ୍ରମ ରେ ଶିକ୍ଷକ କବି ମାନସ ପାଢ଼ୀଙ୍କର ବଳିଷ୍ଠ ସଂଯୋଜନା ଦର୍ଶକ ମାନଙ୍କ ମନ ମୋହିଥିଲା

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ,୨୫।୧(ସମିସ):** ଭଣ୍ଡାରିପୋଖରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ପୌରହିତ୍ୟରେ ଅନୁଷ୍ଠିତ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଶିବିରର ଉଦଯାପନୀ ଉତ୍ସବରେ ଅଧ୍ୟାପିକା ସୁଜାତରାଣୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ମମିତାରାଣୀ ନାୟକ ଓ ପ୍ରଶିକ୍ଷିକା ଗୌରୀ ଜେନା ଉଦବୋଧନ ଦେଇଥିଲେ। ଶିବିରରେ ପ୍ରଶିକ୍ଷଣପ୍ରାପ୍ତ ୮୩ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ହରିହର ସାହୁ ଉଦ୍ଦେଶ୍ୟଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଦିଲ୍ଲିପ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଆସାହିତ୍ୟ ପ୍ରତିଯୋଗିତା

**ଦୋବଲ,୨୫।୧(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ହୋଇଥିବା ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ' ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପରିପ୍ରେକ୍ଷୀରେ ଓ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଉଦ୍ଘାଟନ ଅବସରରେ ଓଡ଼ିଆ ପ୍ରତିଯୋଗିତା କ୍ରମରେ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବନମାଳୀ ଦାସ ସଭାପତିତ୍ୱ କରିଥିଲେ। ଯୁକ୍ତ ୩ ପାଇଁ 'ଭାଷାର ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସମାଲୋଚକ ଓ ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ଗିରୀଶ ଚନ୍ଦ୍ର ସାହୁ, ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ମହମ୍ମଦ ଇସ୍ରାଇଲ, କାର୍ଯ୍ୟକ୍ରମର ସଦସ୍ୟ ଡ. ପ୍ରଶାନ୍ତ ପରିଡ଼ା ପ୍ରମୁଖ ଏଥିରେ ଯୋଗାଦେଇଥିଲେ। ଏହି ପରିପ୍ରେକ୍ଷୀରେ ଡ. ସମୀର ହୁଇ ଓଡ଼ିଆ ଭାଷା ଉପରେ ବିଭିନ୍ନ ଭାଷାର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଆଧାପିକା ଡ. ବିଶ୍ୱଜିତା ବାରିକ, ଡ. ପ୍ରଶାନ୍ତ ପରିଡ଼ା, ଅଧାପକ ଚିନ୍ମୟ ଜେନା ଓ କଲ୍ୟାଣୀ ଦାଶ ପ୍ରମୁଖ ମଞ୍ଚ ପରି.ଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସ୍ଥିତିପ୍ରଜ୍ଞା ମିଶ୍ର, ରାଜଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ରାଉତ ଓ ବର୍ଷା ପ୍ରିୟଦର୍ଶିନୀ ସେଠୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ସଂଗୀତ ପରିବେଷଣ କରାଯାଇଥିଲା। ପ୍ରାଧାପକ ପ୍ରଦୀପ ରାୟ, ସନ୍ଦୀପ ଘୋଷ, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ, ସ୍ମରଣିକା ପ୍ରଧାନ, ଡ. ସାଜିଆ ତମକୀନ, ମହମାୟା ମହାନ୍ତି ପ୍ରମୁଖ ଅଧାପକ-ଆଧାପିକା, କର୍ମ.ରୀ ଓ ଛାତ୍ରଛାତ୍ରୀଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସଦସ୍ୟ ଅଧାପକ ଚିନ୍ମୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଆରମ୍ଭ ହେଲା ପଲ୍ଲୀଶ୍ରୀ ମେଳା ଓ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

# ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ' ଉଦ୍‌ଘାଟିତ

ଭଦ୍ରକ,୨୫ ।୧(ସମିସ)



ବହୁ ପ୍ରତୀକ୍ଷିତ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ନେହେରୁ ଷ୍ଟାଡିୟମ୍ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମାଲ ଏବଂ ସମ୍ମାନୀତ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ଏସ୍‌ପି ବରୁଣ ଗୁଣ୍ଡୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଯୋଗଦେଇଥିଲେ ତାରକା ଉଦ୍‌ଘୋଷିକା ଗୁନ୍‌ଗୁନ୍ ଏବଂ ଉଦ୍‌ଘୋଷକ ପୁପିନ୍ଦରଙ୍କ ଆକର୍ଷଣୀୟ ଉଦ୍‌ଘୋଷଣା କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। କଣ୍ଠଶିଳ୍ପୀ ଏବଂ ସଂଗୀତ ନିର୍ଦ୍ଦେଶକ ସିଦ୍ଧାର୍ଥଙ୍କ କଣ୍ଠରେ ପ୍ରସ୍ତୁତ ଭଦ୍ରାୟଣୀ ମହୋତ୍ସବର ଶୀର୍ଷକ ସଂଗୀତର ଉଦ୍‌ଘାଟନ କରାଯାଇଥିଲା। ପ୍ଲେ ବ୍ୟାକ୍ ଓଲିଉଡ୍ ସିଙ୍ଗର ସତ୍ୟଜିତ୍ ପ୍ରଧାନ ଏବଂ ସୋନମ୍‌ଙ୍କ ମେଲୋଡ଼ି ସାଙ୍ଗକୁ ପ୍ରାରମ୍ଭରେ ଶାଶ୍ୱତ ଜୋଷୀଙ୍କ ଓଡ଼ିଶୀ ନୃତ୍ୟ ମହୋତ୍ସବର ପ୍ରଥମ ରାତ୍ରିକୁ ଦର୍ଶକ ମାନଙ୍କ ପାଇଁ ଧମାଲ୍ କରିଥିଲା। ଓଲିଉଡ୍ ସେଲିବ୍ରିଟି ଶୁଭାଶିଷ ଦିବ୍ୟାଙ୍କ ଆକର୍ଷଣୀୟ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅମିତ୍ ଡ୍ୟାନସ୍ ଗ୍ରୁପ୍‌ର ଧମାକା ମଧ୍ୟ କିଛି କମ୍ ନଥିଲା। ଏହି ମହୋତ୍ସବରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୨୦ଟି ଷ୍ଟଲ ଏବଂ ପଲ୍ଲିଶ୍ରୀ ମେଳାରେ ମିଶନ ଶକ୍ତି ଓରମାସ୍ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଉତ୍ପାଦ ପାଇଁ ୧୨୦ଟି ଷ୍ଟଲ ପ୍ରଦର୍ଶନ କରାଯାଇଛି। ଅନ୍ୟ ସମସ୍ତ ବିଭାଗ ଓ ଅନ୍ୟ ଷ୍ଟଲ ମିଶି ଏହି ମହୋତ୍ସବରେ ସମୁଦାୟ ୨୨୦ଟି ଷ୍ଟଲ ବ୍ୟବସ୍ଥା କରାଯାଇଛି। ଗତକାଲି ଝିପିଝିପି ବର୍ଷାର ପ୍ରତିକୂଳ ପାଗ ସତ୍ୱେ ମହୋତ୍ସବର ଉଦ୍‌ଘାଟନୀ ପର୍ବକୁ ପୁରାଦମ୍‌ରେ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଇଛି। ମହୋତ୍ସବ ଆୟୋଜନ ମାଧ୍ୟମରେ କଳା ପ୍ରତିଭାର ସୁରକ୍ଷା ବିକାଶ ହେବା ସହିତ କଳାକାରମାନେ ପ୍ରୋତ୍ସାହିତ ହୁଅନ୍ତି। ଲୁପ୍ତ ପ୍ରାୟ ସୁପ୍ତ ପ୍ରାୟ କଳା ଉଜ୍ଜୀବିତ ହୁଏ। ଭାଇ.ରା ସଶକ୍ତ ହୁଏ। ବିଭିନ୍ନ ସରକାରୀ ଯୋଜନା, ଉତ୍ପାଦ ସମ୍ବନ୍ଧରେ ହିତାଧିକାରୀ ସାଧାରଣ ଜନତା ସଚେତନ ହୁଅନ୍ତି ବୋଲି ଅତିଥି ମାନେ ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ରାମଦାସ ଟୁଡୁ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପ ଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଓ ଅନ୍ୟ ପଦାଧିକାରୀ ମାନେ ଏହି ମହୋତ୍ସବ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ତନିସ୍କ ପକ୍ଷରୁ ଭଦ୍ରକରେ ନୂଆ ଷ୍ଟୋର ଶୁଭାରମ୍ଭ



**ଭଦ୍ରକ,୨୫ ।୧(ସମିସ):** ଭାରତର ସର୍ବବୃହତ ଗହଣା ରିଟେଲ ବ୍ରାଣ୍ଡ 'ତନିସ୍କ' ପକ୍ଷରୁ ଭଦ୍ରକରେ ଏକ ନୂତନ ଷ୍ଟୋରର ଶୁଭାରମ୍ଭ କରାଯାଇଛି । ଏହି ନୂଆଷ୍ଟୋରକୁ ତନିସ୍କର ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟିକ ମୁଖ୍ୟ ସୋମପ୍ରଭ ସିଂ, ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ଆଲୋକ ରଞ୍ଜନ ଏବଂ ବ୍ୟବସାୟୀ ସହଯୋଗୀ ଅବିନାଶ ଖେମ୍‌କା ଓ ତାଙ୍କ ପରିବାର ବର୍ଗଙ୍କ ଉପସ୍ଥିତିରେ ଆଜି ମଧ୍ୟାହ୍ନ ୧ଟାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଭବ୍ୟ ଉଦଘାଟନୀ ସମାରୋହରେ ବ୍ରାଣ୍ଡ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ପ୍ରତି କ୍ରୟ ଉପରେ ଏକ ମାଗଣା ସୁନାମୁଦ୍ରା ଅଫର କରାଯାଇଛି। ଏହି ଅଫର ଆସନ୍ତା ୨୬ରୁ ୨୮ ଜାନୁଆରୀ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଭଦ୍ରକ ସହର ଛପୁଲିଆ ଠାରେ ପ୍ଲଟ ନମ୍ବର ୧୩୪, ବାଇପାସ୍ ନିକଟରେ ଖୋଲାଯାଇଛି। ଏହି ଷ୍ଟୋରରେ ସୁନା, ହୀରା, କୁନ୍ଦନ ଓ ପୋଲ୍‌କି ଏବଂ ପିଲାମାନଙ୍କ ପାଇଁ ଆକର୍ଷଣୀୟ ଗହଣା ରହିଛି। ନୂତନ ଭାବେ ଶୁଭାରମ୍ଭ ହୋଇଥିବା ଏହି ଷ୍ଟୋରରେ ମହିଳାମାନଙ୍କ ଲାଗି ମୁଦି ଓ କାନଫୁଲ ଠାରୁ ଆରମ୍ଭ କରି ପେଣ୍ଡେଟଂ, ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଏବଂ ଚୁଡି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଗହଣା ରହିଛି। ଏହି ଷ୍ଟୋରରେ ତନିସ୍କର ସ୍ୱତନ୍ତ୍ର ଷ୍ଟେଟିଭାଲ 'ଧରୋହର' କଟ ପ୍ରଦର୍ଶିତ କରାଯାଇଛ। ଯେଉଁଥିରେ ପୁରୁଣା ଓ ନୂତନ ପରମ୍ପରାର କଳାକୃତିରୁ ପ୍ରେରଣା ନିଆଯାଇଛି।

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍‌ଘାଟିତ

**ମଞ୍ଜୁରୀରୋଡ଼/ଭଣ୍ଡାରୀପୋଖରୀ,୨୫ ।୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର ପଡିଆ ଠାରେ ଆଜି୧୭ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ଶିକ୍ଷାବିତ ଗୋପୀନାଥ ନାୟକ, ଅନ୍ତର୍ଯ୍ୟାମୀ ନାୟକ ଓ ଆୟୋଜକ କମିଟି ସଭାପତି ବିଶ୍ୱନାଥ ମାଝୀ ଉଦଘାଟନ କରିଥିଲେ । ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ନିମପୁର କଟକ ଏବଂ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିମପୁର ପ୍ରଥମେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ଓଭରରେ ୯ ୱିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା ଜବାବରେ ନିମପୁର କଟକ ୧୧ଓଭର ଖେଳି ୬ ୱିକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ସେହିଭଳି ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଜାଗୃତି କ୍ରିକେଟ କ୍ଲବ ଭୁବନେଶ୍ୱର ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜାଗୃତି କ୍ଲବ ବ୍ୟାଟିଂ କରି୧୫ଓଭର ଖେଳି ୭ ୱିକେଟ ହରାଇ ୧୨୬ରନ ସଂଗ୍ରହ କରିଥିଲା ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୭ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଅମ୍ପାୟାର ଭାବେ ଶାରଦାପ୍ରସନ୍ନ ମହାପାତ୍ର, ଶରତ ଚନ୍ଦ୍ର ଜେନା ଖେଳ ପରି.ଳନା କରିଥିଲେଫ ସ୍କୋରର ଭାବେ ରାକେଶ ବୋଇତାଇ, ବିଭୁତିଭୂଷଣ ମାଝୀ, ଚିନ୍ମୟ ରାଉତରାୟ, ଜୟନ୍ତ ନାୟକ ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ପ୍ରଦୀପ୍ତ ନାୟକ, ପ୍ରତ୍ୟୁଷ, ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ।

● ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ମୃତ୍ୟୁଘଟଣା

## ହତ୍ୟା ମାମଲା ରୁଜୁ; ମାଲିକ ଓ କର୍ମଚାରୀ ଅଟକ

**ଭଦ୍ରକ,୨୪ ।୧(ସମିସ):** ଭଦ୍ରକ ସହର ଉପକଣ୍ଠ ଚିଙ୍ଗୁଡିପୁର ସ୍ଥିତ ବାସ୍ତବ ଇଣ୍ଡିଆ ନିଶା ନିବାରଣ କେନ୍ଦ୍ରରେ ଯାଜପୁର ଜିଲ୍ଲା ସଦର ଥାନା ଅଧୀନ ବ୍ରାହ୍ମଣ ବଛପୁର ଗାଁର ଜଣେ ଅନ୍ତେବାସୀ କେଦାରନାଥ ପରିଡା (୩୪)ନାମକ ଯୁବକଙ୍କୁ ପିଟିପିଟି ନିଶା ନିବାରଣ କେନ୍ଦ୍ରର କର୍ମକର୍ତ୍ତାମାନେ ହତ୍ୟା କରିଥିବା ଅଭିଯୋଗରେ ଧାମନଗର ପୁଲିସ ଏକ ହତ୍ୟା ମାମଲା (ନଂ-୪୫/୨୪) ରୁଜୁ କରିଛି। ଅନ୍ୟପକ୍ଷରେ ଏହି କେନ୍ଦ୍ରର ମାଲିକ ନିରଞ୍ଜନ ସାହୁ ଓ କର୍ମଚାରୀ କାଳୁଙ୍କୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଧାମନଗର ଥାନା ଚିଙ୍ଗୁଡିପୁର ଠାରେ ଥିବା ବାସ୍ତବ ନିଶାନିବାରଣ କେନ୍ଦ୍ରରେ ଯାଜପୁର ଜିଲ୍ଲା ହରିପୁର ଗାଁର କେଦାରନାଥ ପରିଡ଼ାଙ୍କ ପରିବାର ଲୋକେ ଗତ ଜାନୁଆରୀ ୪ତାରିଖରେ ବାସ୍ତବ ନିଶା ନିବାରଣ କେନ୍ଦ୍ରରେ କେଦାରଙ୍କୁ ଚିକିତ୍ସା ପାଇଁ ଦାଖଲ କରିଥିଲେ। କିଛି ଦିନ ତଳେ ପରିବାର ଲୋକେ ଆସିଥିବା ବେଳେ ତାଙ୍କୁ ସିସିଟିଭି ଜରିଆରେ କେଦାରନାଥଙ୍କୁ ନିଶା ନିବାରଣ କେନ୍ଦ୍ର କର୍ମଚାରୀ ଦେଖାଇଥିଲେ। ତେବେ ଗତ ୨୩ ତାରିଖ ସନ୍ଧ୍ୟାରେ କେଦାରନାଥ ଅସୁସ୍ଥ ଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଯାଇଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଥିଲା। ଏନେଇ ପରିବାର ଲୋକେ ଆସି ଦେଖନ୍ତି କେଦାରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଦେହରେ କ୍ଷତ ଚିହ୍ନ ଓ ମାଡ଼ ଦାଗ ରହିଛି । ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ବଡଭାଇ ସୁଦର୍ଶନ ପରିଡା ଧାମନଗର ଥାନାରେ ଏକ ଏତଲା ଦାୟର କରିଥିଲେ। ଯହିଁରେ ସେ ଦର୍ଶାଇଛନ୍ତି ଯେ, ତାଙ୍କ ଭାଇ କେଦାରକୁ ନିର୍ଯାତନା ଓ ପ୍ରବଳ ମାଡ ମରାଯାଇ ହତ୍ୟା କରାଯାଇଛି। ପରେ ଘଟଣାରେ ଧାମନଗର ଏସ୍‌ଡିପିଓ ରମେଶ ସିଂ ଘଟଣାସ୍ଥଳକୁ ଯାଇ ଉକ୍ତ କେନ୍ଦ୍ରକୁ ସିଲ୍ କରିଥିଲେ। ସେହିଭଳି ଗତକାଲି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତକଙ୍କ ଶବ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନମୋ ନବ ମତଦାତା ସମ୍ମିଳନୀ

**ଚାନ୍ଦବାଲି,୨୫ ।(ସମିସ):** ଚାନ୍ଦବାଲି ବ୍ଲକରେ ମତୋ ଓ ଘଣ୍ଟେଶ୍ୱର ଅଞ୍ଚଳରେ ଆଜି ଲାଇଭ ପ୍ରୋଗ୍ରାମ ମାଧ୍ୟମରେ କଲେଜର ଛାତ୍ରଛାତ୍ରୀ ଓ ନବ ମତଦାତା ମାନଙ୍କୁ ୧୪ ତମ ଜାତୀୟ ଭୋଟର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ସିଧା ପ୍ରସାରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ମତୋ କଚେରୀ ପଡିଆ ଓ ଘଣ୍ଟେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ମତୋ, ଚାନ୍ଦବାଲି ଏନଏସି, ଆରଡ଼ି, ଧାମରା, ଘଣ୍ଟେଶ୍ୱରର ହଜାର ହଜାର ନବ ମତଦାତା ଓ ଚାନ୍ଦବାଲି, ମତୋ, ଘଣ୍ଟେଶ୍ୱରରେ କଲେଜ ଛାତ୍ରଛାତ୍ରୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନୂଆ-ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ

**ଆଗରପଡ଼ା,୨୫ ।୧୧(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରସାର ପରିପ୍ରେକ୍ଷୀରେ ଆଗରପଡ଼ା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଗରପଡ଼ାରେ 'ନୂଆ-ଓ' ସାଂସ୍କୃତିକ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ତଥା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ଚପଳା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ନାରାୟଣ ଚନ୍ଦ୍ର ପାତ୍ର, ଅଧାପକ ବିକାଶ ମହାପାତ୍ର, ପ୍ରୋଗ୍ରାମ ନୋଡାଲ ଅଫିସର ଅଧାପିକା ପ୍ରେମଲତା ଦାଶ, ଅନ୍ୟତମ ନୋଡ଼ାଲ ଅଫିସର ଡ. ଅଧାପକ ହରିହର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଳିକା ଆତ୍ମରକ୍ଷା କୌଶଳପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଅଧାପକ ତାରାକାନ୍ତ ମଲ୍ଲିକ, ନାରାୟଣ ପୁରୀ, ବିଜୟ ଷେଣ୍ଠେ, ରାଜେନ୍ଦ୍ର ପାଣିଗ୍ରାହୀ, ଅରବିନ୍ଦ ଦାସ, ପବିତ୍ର ଦାସ, ନିରଞ୍ଜନ ପାଲ, ଚୈତନ୍ୟ ତରିଆ, ଗଙ୍ଗାଧର ଦାସ, ଅଧାପିକା ସାବିତ୍ରୀ ମଞ୍ଜରୀ ଦାଶ, ସ୍ୱୟଂସିଦ୍ଧା ମିଶ୍ରଙ୍କ ସମେତ ବିଜୟ ଦାସ ପ୍ରମୁଖ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମେ ପରିଚାଳନାରେ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




# ମତଦାତା ସଚେତନ ହେଲେ ଗଣତନ୍ତ୍ର ସଶକ୍ତ ହେବ

ଭଦ୍ରକ,୨୫ ।୧(ସମିସ)




ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟାଳୟରୁ ସହିଦ ସ୍ମୃତି ଭବନ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପତାକା ପ୍ରଦର୍ଶନ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଉପଜିଲ୍ଲାପାଳ ମନୋଜ ପାତ୍ର, ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆ, ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଭଦ୍ରକ ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏହି ପଦଯାତ୍ରାରେ ସାମିଲ ଥିଲେ। ସହିଦ ସ୍ମୃତି ଭବନରେ ଆୟୋଜିତ ସଚେତନତା ଧର୍ମୀ ସାଧାରଣ ସଭାରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଅବାଧ, ସ୍ୱଚ୍ଛ ଏବଂ ମୁକ୍ତ ନିର୍ବାଚନ ଅତୀବ ଜରୁରୀ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ପ୍ରତ୍ୟେକ ମତଦାତା ସଚେତନ ହେବା ଏବଂ ଜଣେ ବି ମତଦାତା ଭୋଟର ତାଲିକାରୁ ବାଦ୍ ନ ପଡ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ସଭାରେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଡେପୁଟି କଲେକ୍ଟର ନିର୍ବାଚନ ପ୍ରମୁଖ ମଧ୍ୟ ଯୋଗଦଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ କ୍ରୀଡ଼ାରେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲାର ଗୌରବ ବଢ଼ାଇଥିବା ହ୍ୱିଲଚେୟାର ଫେନସିଂରେ ଦିବ୍ୟାଙ୍ଗ ଆଥଲେଟ୍ ରାଖାଲ ଚନ୍ଦ୍ର ସେଠୀ ଓ ମଧୁସ୍ମିତା ସାହୁ, ଟାଏକୋଣ୍ଡରେ ସତ୍ୟ ପ୍ରକାଶ ମହାନ୍ତି ଏବଂ ଶାଶ୍ୱତୀ ନାୟକ, ଟେନିକୋଏଟରେ ନିର୍ମଳ ସେନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୋଟର ସଚେତନତା ଉଦ୍ଦେଶ୍ୟରେ ଆୟୋଜିତ ବକ୍ତୃତା, ପେଣ୍ଟିଂ, ପ୍ରବନ୍ଧ, କ୍ୱିଜ୍, ରଙ୍ଗୋଲି, କ୍ୟାପସନ୍ ଲିଖନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ବେଷ୍ଟ ଏଇଆର୍‌ଓ ଭାବେ ଭଣ୍ଡାରିପୋଖରୀ ବିଡିଓ ଦେବଦତ୍ତ ଦାସ, ବନ୍ତ ବିଡିଓ ପ୍ରଦୀପ କୁମାର ସେଠୀ, ବେଷ୍ଟ ବିଏଲ୍‌ଓ ଭାବେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ତ୍ରିପାଠୀ, ଅଙ୍ଗନବାଡ଼ି କର୍ମୀ ସାଗରିକା ପଟ୍ଟନାୟକ, ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ମୁଦୁଲି, ଅଙ୍ଗନବାଡ଼ି କର୍ମୀ କବିତାଞ୍ଜଳୀ ବେହେରା ଏବଂ ସାବିତ୍ରୀ ମହାଳିକ ଏବଂ ବେଷ୍ଟ କର୍ମ.ରୀ ଭାବେ ବନ୍ତ ବ୍ଲକ୍‌ର ଅମୀୟ କୁମାର ଦେହୁରୀ, ଭଦ୍ରକର ହମିଦ୍ ରଞ୍ଜନ ଖାଁ, ବନ୍ତ ତହସିଲର ମନୋଜ ମଞ୍ଜରୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଏଡିଇଓ ଦୀପକ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ

# 'ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ମତଦାନ ସାବ୍ୟସ୍ତ କରିବା ବିଧେୟ'






**ଯାଜପୁର, ୨୫ ।୧(ସମିସ)**

ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ଯାଜପୁର ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୧୪ତମ ଜାତୀୟ ମତଦାତା ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଉପଜିଲ୍ଲାପାଳ ତଥା ଭୋଟର ପଞ୍ଜୀକରଣ ଅଧିକାରୀ ଗୋପୀନାଥ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଡେପୁଟୀ କଲେକ୍ଟର (ନିର୍ବାଚନ) କ୍ଷୀରୋଦ କୁମାର ଦାସ, ଡେପୁଟୀ କଲେକ୍ଟର ପ୍ରଦ୍ୟୁମ୍ନ କୁମାର ଦାସ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ସ୍ୱାଗତ ଭାଷଣ ଓ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପରେ ବୈଠକର ଅଧ୍ୟକ୍ଷ ଗୋପୀନାଥ କୁଅଁର ମତଦାତାଙ୍କୁ ସଂକଳ୍ପ ପାଠ କରାଇଥିଲେ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କହିଲେ, ଗଣତନ୍ତ୍ର ଆମର ଆତ୍ମା । ପ୍ରତ୍ୟେକ ନାଗରିକ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ମତଦାନ ସାବ୍ୟସ୍ତ କରିବା ବିଧେୟ । ସେ ଚଳିତବର୍ଷ ନିର୍ବାଚନରେ ପ୍ରତ୍ୟେକ ନାଗରିକ ନିଜ ନିଜ ମତଦାନ କେନ୍ଦ୍ରକୁ ଆସି ନିଜର ମତଦାନ ସାବ୍ୟସ୍ତ କରି ମତଦାନର ହାର ବୃଦ୍ଧି କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା ନିଜ ଅଭିଭାଷଣରେ କହିଲେ, ପ୍ରତ୍ୟେକ ନାଗରିକ ମତଦାନ କେନ୍ଦ୍ରକୁ ଆସି ନିଜର ମତଦାନ ଅଧିକାର ସାବ୍ୟସ୍ତ କରନ୍ତୁ । ନାଗରିକର କର୍ତ୍ତବ୍ୟ ପାଳନ କରନ୍ତୁ । ଚଳିତ ନିର୍ବାଚନ ବର୍ଷରେ ସମସ୍ତ ଭୋଟର ନିଜର ମତଦାନ ସାବ୍ୟସ୍ତ କରି ମନୋନୀତ ପ୍ରାର୍ଥୀଙ୍କୁ ବାଛନ୍ତୁ । ଉପଜିଲ୍ଲାପାଳ ଗୋପୀନାଥ କୁଅଁର କହିଲେ, ଭାରତ ତା'ର ଅସ୍ତିତ୍ୱ ବହନ କରେ ଗଣତନ୍ତ୍ର ଉପରେ । ଏହା ଏକ ସ୍ୱତନ୍ତ୍ର ପରିଚୟ, ଗଣତନ୍ତ୍ର ପାଇଁ ଭାରତ ମାଟି ଗର୍ବିତ । ଏଣୁ ସମସ୍ତ ନାଗରିକ ଏପରି ମହାନ କର୍ତ୍ତବ୍ୟ ଓ ଦାୟିତ୍ୱ ପଥରୁ ବିଚ୍ୟୁତି ନ ହୋଇ ନିଜର ମତଦାନ ସାବ୍ୟସ୍ତ କରି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିବା ସହ ଗଣତନ୍ତ୍ରକୁ ସୁଦୃଢ଼ ଓ ଉଜ୍ଜ୍ୱଳ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଏ ଅବସରରେ ଶ୍ରୀ କୁଅଁର ଚଳିତ ବର୍ଷର ବାର୍ତ୍ତା 'ମୁଁ ବି ଭୋଟ ଦେବି, ରାଷ୍ଟ୍ର ଗଠନରେ ମୋ ଭୋଟ ସବୁଠାରୁ ମୂଲ୍ୟବାନ' ଓ ଜିଲ୍ଲାରେ ଜାନୁଆରୀ ୫ ତାରିଖରେ ପ୍ରକାଶ ପାଇଥିବା ଚୂଡାନ୍ତ ଭୋଟର ତାଲିକାରେ ଭୋଟରଙ୍କ ସଂଖ୍ୟା ୧୫ ଲକ୍ଷ ୩୦ ହଜାର ୨୪୦ ବୋଲି ବାର୍ତ୍ତା ଓ ସୂଚନା ପ୍ରଦାନ କରିଥିଲେ ।

ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ଶ୍ରେଷ୍ଠ ବୁଥସ୍ତରୀୟ ଅଧିକାରୀ, ସୁପରଭାଇଜର, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା, କୁଇଜ୍ ଓ ରଙ୍ଗୋଲି ଆଦି କୃତି ପ୍ରତିଯୋଗୀଙ୍କୁ ସଭାପତି ଓ ଅତିଥି ବୃନ୍ଦ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଦିବସ ପାଳନ ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଥସ୍ତରୀୟ ଅଧିକାରୀ, ପୌର ପରିଷଦ ପାରିଷଦଙ୍କୁ ନେଇ ଜିଲ୍ଲା ପରିଷଦ ପରିସରରୁ ମେଡିକାଲ ଛକ ପର୍ଯ୍ୟନ୍ତ ସଚେତନତା ରାଲିକୁ ପୂର୍ବାହ୍ନ ୮ ଘଟିକା ସମୟରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଓ ପୌର ପରିଷଦ କାର୍ଯ୍ୟାଳୟ ଓ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଧ୍ୟକ୍ଷ/ଅଧ୍ୟକ୍ଷା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ରାଆଁଶାଳ ନାଳ ପୁନରୁଦ୍ଧାର କାର୍ଯ୍ୟର ଭୂମି ପୂଜନ



**ବଡ଼ଚଣା, ୨୫।୧(ସମିସ):** ଚଣ୍ଡିଖୋଲ ଛଟ୍ ଘାଟଠାରେ ଜଳ ସମ୍ପଦ ବିଭାଗ ଜଳ ବିକାଶ ଖଣ୍ଡ ଯାଜପୁର ପକ୍ଷରୁ ଆଜି ରାଆଁଶାଳ ନାଳ ପୁନରୁଦ୍ଧାର କାର୍ଯ୍ୟର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବିହାରୀ ସମ୍ପ୍ରଦାୟର ଲୋକଙ୍କ ପାଇଁ ଏଠାରେ ପାଳନ କରୁଥିବା ଛଟ୍ ପୂଜା ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲା । ଏହା ଆଜି ପୂରଣ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଏସଡିଓ ପୂର୍ଣ୍ଣଚନ୍ଦ୍ର ନାୟକ, ଜେଇ ବିକ୍ରମ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଜିତେନ୍ଦ୍ର ପ୍ରସାଦ ନାୟକ, ସଞ୍ଜୟ କୁମାର ସ୍ୱାଇଁ, ପ୍ରଦୀପ କୁମାର ନାୟକ, ବିଜୟପାଳ ଯାଦବ, ଶୁଭ ନାରାୟଣ ଓଝା ପ୍ରମୁଖ ଯୋଗଦେଇ ବିଧାୟକଙ୍କ ଏତାଦୃଶ ସହଯୋଗକୁ କୃତଜ୍ଞତା ଜଣାଇଥିଲେ ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

**ବଡ଼ଚଣା, ୨୫।୧(ସମିସ):** ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କଲ୍ୟାଣ ବୋର୍ଡ଼ର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ଆଜି ଚଣ୍ଡିଖୋଲ ଛକସ୍ଥ ବିଜୁ କଲ୍ୟାଣ ମଣ୍ଡପରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ପାଳନ ଅବସରରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ଓ ପରିଚୟପତ୍ର ବଣ୍ଟନ କରାଯାଇଛି । ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ସହାୟତାରେ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଗରିବ ନିବାରଣ ଯୋଜନାକୁ ସ୍ୱାଗତ କରିଥିଲେ । ଏହି ଶିବିରରେ ପଞ୍ଜିକୃତ ଯୋଗ୍ୟ ହିତାଧିକାରୀ ତଥା ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଏଥିରେ ଶିକ୍ଷା ସହାୟତା ବାବଦରେ ୭୪ ଜଣ, ବିବାହ ସହାୟତା ୩୯ ଜଣ, ପ୍ରସୂତିକାଳୀନ ସହାୟତା ୪ ଜଣ, ମୃତ୍ୟୁକାଳୀନ ସହାୟତା ୩୫ ଜଣ ଓ ଅନ୍ତେଷ୍ଟିକ୍ରିୟା ବାବଦରେ ୩୨ ଜଣଙ୍କୁ ମୋଟ ୯୬ ଲକ୍ଷ ୫୩ ହଜାର ୮ଶହ ଟଙ୍କା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ନିର୍ମାଣ ଶ୍ରମିକ ସମ୍ବନ୍ଧରେ ଓ ବିଭିନ୍ନ ଆଇନଗତ ବିଷୟ ଉପରେ ଆଲୋକପାତ କରିଥିଲେ । ବଡ଼ଚଣା ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସଂଗଠନର ସଦସ୍ୟ ରମେଶ ଚନ୍ଦ୍ର ଜେନା, ଅଜୟ ସାହୁ, ପ୍ରଦୀପ ନାୟକ, କରୁଣାକର ନାୟକ, ରବୀନ୍ଦ୍ର ମଣ୍ଡଳ, ଭାଗୀରଥି ଦାସ, ମନୋଜ ସାହୁ, ଦୁଷ୍ମନ୍ତ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସୁନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।



## ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର



**ବଡ଼ଚଣା, ୨୫।୧(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଆଜି ଚଣ୍ଡିଖୋଲସ୍ଥ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ନବ ମାଳତୀ ପ୍ରେକ୍ଷାଳୟରେ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପିକା ସୁକେଶିନୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ସୁରେନ୍ଦ୍ର ନାଥ ଦାସ ଜଗନ୍ନାଥ କେବଳ ଓଡ଼ିଶା, ଭାରତର ଦେବତା ନୁହଁନ୍ତି ସେ ସମଗ୍ର ବିଶ୍ୱର ଦେବତା, ଜଗନ୍ନାଥ ସଂସ୍କୃତି ଉପରେ ଇତିହାସ, ପୌରାଣିକ ଓ ମାଦଳା ପାଞ୍ଜିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ଡଃ ମନୋଜ କୁମାର ଦାସ, ପ୍ରଫେସର ଅଜୟ କୁମାର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ କେଦାରନାଥ ଦାସ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡା ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ବିରଞ୍ଚି କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ବିଜୟ କେତନ ସାମଲ, ସଲିଲ ରାଜନନ୍ଦନ ମହାନ୍ତି, ସଞ୍ଜୟ ରାୟ, ନିହାରୀକା ଦାସ, ସାଗରୀକା ମହାପାତ୍ର, ଡଃ ସୁଜାତା ସେନାପତି, ସ୍ୱର୍ଣ୍ଣପ୍ରଭା ରାଉତରାୟ, ଦୀପ୍ତିମୟୀ ନାୟକ, ନିବେଦିତା ସ୍ୱାଇଁ, ସଂଘମିତ୍ରା ସାହୁ, ନିରଞ୍ଜନ ବେହେରା, ରଞ୍ଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା ନଳିନବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ ହିଁ ଶ୍ରୀଜଗନ୍ନାଥ'



**ବରୀ, ୨୫।୧(ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତି ମାନବ ଜୀବନର ଆଦର୍ଶ ଦର୍ଶନର କଥା କୁହେ ବୋଲି ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ ମଳୟ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ଶ୍ରୀଜଗନ୍ନାଥଙ୍କ ଅଦ୍ୱିତୀୟ ପରିକ୍ରମା ପ୍ରକଳ୍ପ କଥାବସ୍ତୁର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡା ବ୍ୟାପାର ବିଭାଗ ସହଯୋଗରେ ଆୟୋଜିତ ଏହି ସଭାରେ 'ଓଡିଆ ଜାତିର ଜୀବନରେ ପ୍ରତିଫଳିତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା' ସମ୍ପର୍କରେ ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ତଥା ବାଖ୍ୟାକାର କାମଦେବ ଶତପଥୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପାଞ୍ଜଳି ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତି ଆମ ଜୀବନର ମୌଳିକତାକୁ ସଂସ୍କାରିତ ଚେତନାଭିମୁଖି କରାଏ ବୋଲି କହିବା ସହ ପ୍ରତ୍ୟେକ ଓଡିଆଙ୍କ ପ୍ରାଣର ସ୍ପନ୍ଦନ ହିଁ ଶ୍ରୀଜଗନ୍ନାଥ ବୋଲି ପ୍ରକାଶ କରିଥିଲେ ।

ସମ୍ମାନିତ ଅତିଥି ତଥା କାର୍ଯ୍ୟକ୍ରମର ସଂଯୋଜକ ଅନୁଷ୍ଠାନର ଓଡିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ଦାସ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଦାଶ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନା ଓ ଆଜିର ପରିକ୍ରମା ବ୍ୟବସ୍ଥାର ସୁଆୟୋଜନ ବିଷୟରେ ବିଶଦ ବାଖ୍ୟା କରିଥିଲେ । ପ୍ରଗତୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦଗ୍ଧ କବି ସେବକ ଶରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଭଜନ ଜଣାଣରେ ବିଭିନ୍ନ ନୃତ୍ୟ ପଦର୍ଶନ କରାଯାଇଥିଲା ।




### ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦର ପ୍ରତିବାଦ ସଭା

# ଆଗାମୀ ବଜେଟ୍‌ରେ ପ୍ରକଳ୍ପ ପାଇଁ ୧୧୧୧ କୋଟି ମଞ୍ଜୁର ଦାବି

**ଯାଜପୁର, ୨୫ ।୧(ସମିସ)**



ଯାଜପୁର-କେନ୍ଦୁଝରରୋଡ-ଧାମରା ଭାୟା ଭିତରକନିକା ପ୍ରସ୍ତାବିତ ରେଳପଥର ପ୍ରାରମ୍ଭିକ ସର୍ଭେ ସରିବା ପରେ ସମ୍ପୂର୍ଣ୍ଣ ସର୍ଭେ ଜାରି ରହିଛି । ଆସନ୍ତା ଫେବୃଆରୀ ୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ହେବାକୁ ଯାଉଥିବା ବଜେଟରେ ଏହି ରେଳପଥ ପ୍ରକଳ୍ପ ପାଇଁ ୧୧୧୧ କୋଟି ଟଙ୍କା ବ୍ୟୟବରାଦ କରିବା ଦାବିରେ ଆଜି ଯାଜପୁରରୋଡ-ଧାମରା ରେଳ ସଂଗ୍ରାମ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି ।

ସଂଗ୍ରାମ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଆହ୍ୱାନ କ୍ରମେ ଆବାହକ ସନ୍ତୋଷ ନନ୍ଦଙ୍କ ସଭାପତିତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ପରିଷଦର ସଂଯୋଜକ ପଦ୍ମାକର ଗୁରୁ ଏହି ସଭାକୁ ସଂଯୋଜନା କରିଥିବାବେଳେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଶ୍ରୀ ଖୁଣ୍ଟିଆ ଯୋଗଦେଇ ଦୀର୍ଘ ୫୦ ବର୍ଷ ଧରି ବିଭିନ୍ନ କମିଟି ଓ ସଂଗଠନ ପକ୍ଷରୁ ବରାହ-ବିରଜା, ଆଖଣ୍ଡଳମଣି, ଭିତରକନିକା ସହ ନୌବାଣିଜ୍ୟର ପ୍ରମୁଖ ବନ୍ଦର ଧାମରା କ୍ଷେତ୍ରକୁ ରେଳପଥ ସଂଯୋଗ ସହ ଅନୁଗୋଳ, ତାଳଚେର, ସୁକିନ୍ଦା ଓ କେନ୍ଦୁଝର ଅଞ୍ଚଳରୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଏହି ରେଳପଥ ସହାୟକ ହେବ । ଏହି ରେଳପଥ ପାଇଁ ବାରମ୍ବାର ସଂସଦରେ ଦାବି କରାଯାଇଥିବାବେଳେ ଧାରଣା, ଅନଶନ ଓ ପ୍ରତିବାଦ ସଭା, ରେଳରୋକ, ଆନ୍ଦୋଳନ ଓ ସଂସଦ ଭବନ ସମ୍ମୁଖରେ ଧାରଣା କରାଯାଇଥିଲା । ପରେ ରେଳମନ୍ତ୍ରୀ ଏହି ପ୍ରସ୍ତାବକୁ ଗ୍ରହଣ କରି ଫାଇନାଲ ଲୋକେସନ ସର୍ଭେ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରି ସର୍ଭେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି । ତେବେ ଆସନ୍ତା ଫେବୃଆରୀ ୧ ତାରିଖରେ ବସୁଥିବା କେନ୍ଦ୍ର ସରକାରଙ୍କ ଶେଷ ବଜେଟରେ ଏହି ରେଳପଥ ପାଇଁ ୧୧୧୧ କୋଟି ଟଙ୍କାର ବ୍ୟୟବରାଦ କରିବାକୁ ଆଜି ପ୍ରତିବାଦ ସଭାରେ ଦାବି ଉପସ୍ଥାପିତ ହୋଇଥିଲା । ଏ ନେଇ ଯାଜପୁର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ୩ଜଣ ମନ୍ତ୍ରୀଙ୍କ ସହ ରେଳ ବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ପରିଷଦ ପକ୍ଷରୁ ଏହି ଦାବିକୁ ନେଇ ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରସ୍ଥ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ଗଣଧାରଣାରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି ।

ଆଜି ପ୍ରତିବାଦ ସଭାରେ ପରିଷଦର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ଉପଦେଷ୍ଟା ବନ୍ଦିତା ପରିଡ଼ା, ଅଞ୍ଚଳ ଦାସ, ଦିଗମ୍ବର ଦାସ, ଉପସଭାପତି ମନୋଜ ବିଶ୍ୱାଳ, ଆରତୀ ଦେଓ, ନାରାୟଣ ଚନ୍ଦ୍ର ସାମନ୍ତ, ବିଦ୍ୟାଧର ମହାନ୍ତି, ସୁଲୋଚନା ଦାସ, ବନିତା ଦାସ, କନକଲତା ମଲିକ, ଲିପିକା ମଲିକ, କିଷାନ ପଣ୍ଡା, ଭାସ୍କର ମହାନ୍ତି, ରଞ୍ଜିତା ରାଉତ, କଳ୍ପନା ପଣ୍ଡା, ବିଳାସ ରାଉତ, ଅଜରିତ ନାୟକ, ଇନ୍ଦ୍ରଜିତ ଦାସ, ଅମରେଶ ପରିଡ଼ା, ଦିଲିପ ମଲିକ, ଅକ୍ଷୟ ଶତପଥୀ, ଅପୂର୍ବ ସାମଲ, ଭୁବନମୋହନ ମହାନ୍ତି ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ଯୋଗ ଦେଇଥିବାବେଳେ ଗଦାଧର ଦାସ ଧନ୍ୟବାଦ ଦେଇଥିଲେ ।

## ସ୍ନାତକୋତ୍ତରରେ ଛାତ୍ରୀଙ୍କ କୃତିତ୍ୱ

**ବଡ଼ଚଣା, ୨୫ ।୧(ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ସଂସ୍କୃତି ଶିକ୍ଷା ବିଭାଗରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ସହ ଶ୍ରେଷ୍ଠତା ପ୍ରତିପାଦନ ପୂର୍ବକ ଶୀର୍ଷ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିବାକୁ ଯୋଗ୍ୟ ବିବେଚିତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଯାଜପୁର ଜିଲ୍ଲା ଅନ୍ତର୍ଗତ ବଡ଼ଚଣା ବ୍ଲକ ସିହା ଗ୍ରାମର ଛାତ୍ରୀ ଲୋପାମୁଦ୍ରା ପ୍ରିୟଦର୍ଶିନୀ । ବିଶ୍ୱବିଦ୍ୟାଳୟର ଆସନ୍ତା ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳଙ୍କ ଦ୍ୱାରା ତାଙ୍କୁ ଏଥିପାଇଁ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି । ଚଣ୍ଡିଖୋଲ କୋର୍ଟରେ କାର୍ଯ୍ୟରତ ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁ ଓ ଗୃହିଣୀ ପ୍ରିୟଦର୍ଶିନୀ ସାହୁଙ୍କ ଜ୍ୟେଷ୍ଠା କନ୍ୟା ଲୋପାମୁଦ୍ରା ଦଶମ ଶ୍ରେଣୀରୁ ଆରମ୍ଭ କରି ସ୍ନାତକୋତ୍ତର ଯାଏଁ ତାଙ୍କର ଶିକ୍ଷା ଯାତ୍ରାକୁ ବେଶ୍ ସଫଳତାର ସହ ବଜାୟ ରଖି ଆସିଛନ୍ତି । ନିଜର ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଂସ୍କୃତି ଶିକ୍ଷା ବିଭାଗ ମୁଖ୍ୟ ଡଃ ଆଶିଷ କୁମାର ମହପାତ୍ରଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପକଙ୍କୁ ଲୋପାମୁଦ୍ରା କୃତଜ୍ଞତା ଜ୍ଞାପନ କରିଛନ୍ତି ।

















# ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ, ୨୫ ।୧(ସମିସ)



ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ଆଦାନି ଫାଉଣ୍ଡେସନ ପକ୍ଷରୁ ଦୋସିଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏକଦିବସୀୟ ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଧାମରା ପୋର୍ଟ ନିକଟବର୍ତ୍ତୀ ୧୨ଟି ଉଚ୍ଚ ବିଦ୍ୟାଳୟ ଭାଗ ନେଇଥିଲେ । ଦୋସିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ, ଜାଗୁଲା ଜିପି ଉଚ୍ଚ ବିଦ୍ୟାଳୟ, ଧାମରାଇ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାଂଶଡ଼ା ଉଚ୍ଚ ବିଦ୍ୟାଳୟ, କଇଥଖୋଲା ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ, କଇଥଖୋଲା ଯତୀନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ, କରଞ୍ଜମାଳ ଶ୍ରୀଶ୍ରୀ ନିଗମାନ୍ଦ ଉଚ୍ଚ ବିଦ୍ୟାଳୟ, ପଞ୍ଚୁଟିକ୍ରି ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, କରଣପଲି ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବାଲିମୁଣ୍ଡା କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ, ନରେନ୍ଦ୍ରପୁର ଉତ୍କଳମଣି ଉଚ୍ଚ ବିଦ୍ୟାଳୟ ଓ ଜନ୍ଣୁଆଳି ବିଏସ୍‌ସି ଉଚ୍ଚ ବିଦ୍ୟାଳୟର ପ୍ରାୟ ୭୨ ଜଣ ଛାତ୍ରୀ ୬ଟି କ୍ରୀଡ଼ାରେ ଭାଗ ନେଇଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ୧୮ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀମାନଙ୍କୁ ଶିକ୍ଷା ସହ କ୍ରୀଡ଼ାରେ ଉତ୍ସାହିତ କରିଥିବାରୁ ୧୨ଟି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଆଦାନି ଫାଉଣ୍ଡେସନ ତରଫରୁ ପ୍ରଶଂସା କରାଯିବା ସହ ବିଦ୍ୟାଳୟଗୁଡ଼ିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଦୋସିଙ୍ଗା ଗ୍ରାମ ସରପଞ୍ଚ ରାମକୃଷ୍ଣ ଜାନା ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଧନପତି ମାନା, ସିଆର୍‌ସିସି ଦୋସିଙ୍ଗା କ୍ଲଷ୍ଟର, ରଞ୍ଜିତ ଜେନା, ସିଆର୍‌ସିସି, ଜାଗୁଲା କ୍ଲଷ୍ଟର ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ ତଥା ଆଦାନି ଫାଉଣ୍ଡେସନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଦାନି ପୋର୍ଟ ତରଫରୁ ୨୦୧୨ ମସିହାରୁ ଆୟୋଜିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମକୁ ଦୋସିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଦାସ ତଥା ୧୨ ଗୋଟି ବିଦ୍ୟାଳୟର ଖେଳ ଶିକ୍ଷକ, ଶିକ୍ଷୟିତ୍ରୀ ଅଭିଭାବକ ଅନ୍ୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ସର୍ବଶେଷରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ।

# ବାସୁଦେବ ପୀଠର ବାର୍ଷିକ ଉତ୍ସବ

**ଅସୁରାଳି, ୨୫ ।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣାସ୍ଥିତ ମାଳିକା ବର୍ଣ୍ଣିତ ବାସୁଦେବ ପୀଠର ଷଷ୍ଠ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ୨୫ରୁ ଆରମ୍ଭ ହୋଇ ୨୪ ଫେବୃଆରୀ ପର୍ଯ୍ୟନ୍ତ ୧ମାସ ବ୍ୟାପୀ ଜାରିରହିବ । ଆଜି ପ୍ରଥମ ଦିବସରେ ଅଙ୍କୁର ରୋପଣ, କଳସ ଶୋଭାଯାତ୍ରା ଓ ଯଜ୍ଞ ଆରମ୍ଭ ହୋଇଯାଇଛି । ପ୍ରାତଃରୁ ଶହ ଶହ ମହିଳା ପୁରୁଷ ଗ୍ରାମ ପରିକ୍ରମା କରି ବିରାଟ ପଟୁଆରରେ ପୁଣ୍ୟତୋୟା ବୈତରଣୀ ନଦୀରୁ ଜଳ ଆଣି ବାସୁଦେବ ପୀଠରେ ଘଟ ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ଅରୁଣ ନାୟକ ଓ ଆରତୀଲତା ନାୟକ, ପୂଜକ ଜୟୀରାମ ପଣ୍ଡା ଓ ସର୍ବେଶ୍ୱର ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା ବିଧି ଅନୁସାରେ ସମ୍ପନ୍ନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାସୁଦେବ ମନ୍ଦିରର ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ସରିତା ମହାନ୍ତି, ସମିତି ସଭ୍ୟ ବିଦ୍ୟାଧର ରାଉତ ପ୍ରମୁଖ ଯୋଗଦେଇଥିଲେ ।




# ଓଡ଼ିଆ ଭାଷା, ସଂସ୍କୃତି ଓ ସୃଜନୀ ଉତ୍ସବ

**ଭଣ୍ଡାରିପୋଖରୀ,୨୫।୧(ସମିସ):** ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେଉରିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଓଡିଆ ଭାଷା, ସଂସ୍କୃତି ଓ ସୃଜନୀ ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ବରିଷ୍ଠ ଅଧ୍ୟାପକ ମନୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓ ଅଧ୍ୟାପିକା ଅନୁମପା ତ୍ରିପାଠୀ, ନିଳମଣୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅଧ୍ୟାପକ ଅନାଦି ଚରଣ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଓଡିଆ ପ୍ରବନ୍ଧ, ହସ୍ତାକ୍ଷର ଲିଖନ, ବକ୍ତୃତା, କବିତା ପଠନ ଓ ଲିଖନ, ସାଧାରଣଜ୍ଞାନ, ଓଡିଆ ବ୍ୟାକରଣ ଦକ୍ଷତା, ଶ୍ରୀଜଗନ୍ନାଥ ସଂସ୍କୃତି ବିତର୍କ, ଭଜନ, ସଙ୍ଗୀତ ଓ ଲୋକନୃତ୍ୟ ଆଦି ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଭୟ ଦାସ, ବିଭୂତିଭୂଷଣ ପଣ୍ଡା ଓ ଓଡିଶୀ ନୃତ୍ୟଶିଳ୍ପୀ ଦିବ୍ୟାଜ୍ୟୋତି ବିଶ୍ୱାଳ ବିଚାରକ ଭାବେ ପ୍ରତିଯୋଗୀତାର ମୂଲ୍ୟାୟନ କରିଥିଲେ । ଅଧ୍ୟାପକ ଉମାକାନ୍ତ ମହାଳିକ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ସୁରେଶ ଚନ୍ଦ୍ର ତ୍ରିପାଠୀ, ନାରାୟଣ ଚନ୍ଦ୍ର ସେଠୀଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୋପିନାଥଜୀଉ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ଆଗରପଡ଼ା, ୨୫ ।୧(ସମିସ):** ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପିନାଥଜୀଉ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶଶି ଶେଖର କରଶର୍ମା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଜଂନ ଘଡ଼େଇ, ଆଗରପଡ଼ା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୁରୁଷଣ୍ଡ ସେବାସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସ୍ଥାନୀୟ ସରପଞ୍ଚ ସବିତାରାଣୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଶିକ୍ଷକ ମିହିର ଆଚାର୍ଯ୍ୟଙ୍କ ଦ୍ୱାରା ବେଦପାଠ ଓ ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିଙ୍କ ମାନପତ୍ର ପଠନ କରାଯାଇଥିଲା । ଶିକ୍ଷକ ଅନନ୍ତ ଯେନା ଅତିଥି ପରିଚୟ, ଶିକ୍ଷକ ଅମରେନ୍ଦ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ଓ କ୍ରୀଡ଼ା ଶିକ୍ଷକ ବଳଭଦ୍ର କିଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗୋପିନାଥପୁର ଗ୍ରାମର ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ପୂର୍ଣ୍ଣଚନ୍ଦ୍ର ରାୟ ତାଙ୍କ ପିତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨୦୨୩-୨୪ ଶିକ୍ଷାବର୍ଷର 'ଶ୍ରେଷ୍ଠ ଛାତ୍ର' ୧୦ ଶ୍ରେଣୀ ଛାତ୍ରୀ ସୃଶ୍ରି ପ୍ରିୟା ପ୍ରଜ୍ଞା ଦାସଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନୀତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର ଦାସ, ଉମାଶଙ୍କର ମହାପାତ୍ର, ଶିକ୍ଷୟିତ୍ରୀ ବୀଣାପାଣୀ ପାଲ, କର୍ମଚାରୀ ପ୍ରଦୀପ ଜେନା, ପ୍ରଦୀପ ମହାନ୍ତି, ମହେଶ୍ୱର ଜେନା, ବିଜୟ ପଣ୍ଡା ଓ ପ୍ରିୟବ୍ରତ ଜେନାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଭିକର୍ତ୍ତା ସୁରକ୍ଷା ଦିବସ ପାଳିତ

**ଭଦ୍ରକ, ୨୫ ।୧(ସମିସ):** ଭାରତୀୟ ଜୀବନବୀମା ନିଗମ ଭଦ୍ରକ ଶାଖାର ଚିଫ ଲାଇଫ ଇନ୍ସୁରାନ୍ସ ଆଡ଼ଭାଇଜର ନରେଶ ଚନ୍ଦ୍ର ବେହେରାଙ୍କ ବନ୍ତଛକ ସ୍ଥିତ ପ୍ରିମିୟମ ପଏଣ୍ଟରେ ଆଜି ଅଭିକର୍ତ୍ତା ବୃତ୍ତି ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଅଭିକର୍ତ୍ତା ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, କଟକ ଡିଭିଜନ ସିଡିସି ସଭାପତି ସପନ ମହାନ୍ତି, ସମ୍ପାଦକ ନୃସିଂହ ଚରଣ ପଣ୍ଡା, ଉପଦେଷ୍ଟା ସନାତନ ରାଉତ ପ୍ରମୁଖ ଯୋଗ ଦେଇ ଅଭିକର୍ତ୍ତା ମାନଙ୍କ ବିଭିନ୍ନ ସମସ୍ୟା ସହ ବୃତ୍ତିଗତ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଅଭିକର୍ତ୍ତାମାନେ ଶୃଙ୍ଖଳା ଓ ସାଧୁତା ସହ ଉତ୍ତମ ଆଚରଣ ଉଚ୍ଚାରଣରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଚାନ୍ଦବାଲି ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ଚାନ୍ଦବାଲି, ୨୫ ।୧(ସମିସ):** ଚାନ୍ଦବାଲି ମହା ବିଦ୍ୟାଳୟ ପରିସରରେ ଆଜି ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରୀ ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ପ୍ରମୋଦୀନୀ ଚକ୍ରଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଭାଗୀୟ ମୁଖ୍ୟା ଆଦ୍ୟରଶ୍ମି ମିଶ୍ର, ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଗଣେଶ ପ୍ରସାଦ କରଶର୍ମା, ସମ୍ମାନିତ ଅତିଥି ସୁଧୀର ମହାନ୍ତି ଯୋଗ ଦେଇ ଶ୍ରୀ ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଧ୍ୟାପକ ମାୟାଧର ମହାନ୍ତି, ନିମାଇଁ ଚରଣ ପତି, ଡ.ତରଣୀସେନ ପଣ୍ଡା, ପାଧ୍ୟାପିକ ଡ.ନିର୍ଲିପ୍ତା ମିଶ୍ର, ଅଧ୍ୟାପକ ବସନ୍ତ ଦାସ, ଅଧ୍ୟାପିକା ଭାରତୀ ମହାପାତ୍ର, ନିମାଇଁ ଚରଣ ମହାନ୍ତି, ଆଶିଷ ଶୁଭଦର୍ଶନ ମହାନ୍ତି, ରମାକାନ୍ତ ମହାଳିକ ସହ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ରତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।






# ଧସିଯିବ ନହୁଣି କଲଭର୍ଟ ଆପ୍ରୋଚ ରୋଡ୍

**ରାଜକନିକା,୨୫ା୧(ସମିସ):**

ରାଜକନିକା -କଣ୍ଡିଆ ପୂର୍ତ୍ତବିଭାଗ ରାସ୍ତାର ନହୁଣି କଲଭର୍ଟ ଆପ୍ରୋଚ ରୋଡର ଉଭୟ ପାଶ୍ୱର୍ ରାସ୍ତା ଧସିଯିବାକୁ ବସିଛି। ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ସୂଚନା ମୁତାବକ, ଏହି କଲଭର୍ଟର ପୂର୍ବ ଓ ପଶ୍ଚିମପାଖ ଆପ୍ରୋଚ ରୋଡଟି ମରାମତି ଅଭାବରୁ ଦିନକୁ ଦିନ ଶୋଚନୀୟ ହୋଇ ପଡିଲାଣି। ଦୁଇ ବର୍ଷ ତଳେ ହୋଇଥିବା ଏହି ଆପ୍ରୋଚ ରୋଡର ଅବସ୍ଥା ଏମିତି ଖରାପ ହୋଇଗଲାଣି ଯେ ବର୍ତ୍ତମାନ ତାହା ଧସିଯିବାକୁ ବସିଛି। ରାସ୍ତାଟି ଫାଟି ଦୁଇ ଫାଳ ହେବା ସହିତ ପିଚୁ ବାହାରି ପିଚିକି ପଡ଼ିଛି। ରାସ୍ତାରୁ ଗୋଡି ଗୁଡା ଏଣେତେଣେ ବିକ୍ଷିପ୍ତ ଭାବେ ପଡ଼ିରହିଛି। ଏଥିପାଇଁ ଯାତାୟାତରେ ନାହିଁ ନ ଥିବା ହଇରାଣ ହେଉଛନ୍ତି ଲୋକେ। ଏହି ରାସ୍ତାଟି ରାଜକନିକା ସହିତ ସିଧା ସିଧା ଯୋଗୁଁ ଥିବାବେଳେ ପ୍ରତ୍ୟହ ରାସ୍ତା ଦେଇ ବସ୍, ଟ୍ରକ ଭଳି ଭାରୀଯାନ ଆତଯାତ ହୋଇଥାଏ। ଏହି ରାସ୍ତାରେ ବି ଦୂରଗାମୀ ବସ୍ ଚଳ ପ୍ରଚଳ କରିଥାଏ। ହେଲେ ରାସ୍ତାର ଏଭଳି ବିପର୍ଯ୍ୟସ୍ତ ଅବସ୍ଥା ଆଗକୁ ଆହୁରି ସଙ୍ଗୀନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ଏହି ରାସ୍ତାର ପେଗରପଡାଠାରେ ପିଚୁ ଉପରେ ପୁନଃ ପିଚୁ ପକାଯାଉଥିଲେ ବି ନହୁଣି କଲଭର୍ଟ ଦୁଇ ପାଶ୍ୱର୍ ରାସ୍ତା ମରାମତି କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ତୁରନ୍ତ ଏହି ବିପର୍ଯ୍ୟସ୍ତ ରାସ୍ତାକୁ ମରାମତି କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।



# ସାମ୍ବାଦିକ ୟୁନିଅନ୍ ପକ୍ଷରୁ ପେନସନ୍ ଓ ସୁରକ୍ଷା ଆଇନ ଦାବି

ଜଗତସିଂହପୁର,୨୫ା୧(ସମିସ): ସାମ୍ବାଦିକମାନଙ୍କୁ ପେନସନ ଯୋଗାଇଦେବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଲାଗି ଓଡିଶା ସାମ୍ବାଦିକ ୟୁନିଅନ ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଦାବି କରାଯାଇଛି। ଏନେଇ ଜଗତସିଂହପୁର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଛି। ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ଜିଲ୍ଲା ସଭାପତି ଶୁଭଙ୍କର ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ଡାକ ବଙ୍ଗଳାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, ତପନ କୁମାର ରାଉତରାୟ, ଶଶାଙ୍କ ଶେଖର ପଣ୍ଡା, ରମାକାନ୍ତ ଦାଶ, ପ୍ରଫୁଲ୍ଲ କୁମାର ସାହୁ,ରଞ୍ଜନ ସ୍ୱାଇଁ, ଆର୍ତ୍ତତ୍ରାଣ ପତି, ସରୋଜ କୁମାର ନାୟକ, ପ୍ରତାପ କୁମାର ସିଂହ, କମଳା କାନ୍ତ ବାରିକ, ସୁଶାନ୍ତ କୁମାର ମହାନ୍ତି, ନିରଞ୍ଜନ ସ୍ୱାଇଁ, ଅକ୍ଷୟ କୁମାର ଦାସ, ପ୍ରଭାତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ହରିୟାଣା, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ତାମିଲନାଡୁ ଆଦି ଅନେକ ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଲାଗି ମାସିକ ପେନସନ ଯୋଜନା ଲାଗୁ କରିସାରିଛନ୍ତି। ସେହିପରି ମହାରାଷ୍ଟ୍ର ଓ ଛତିଶ ଗଡ ଭଳି ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ହୋଇଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ଏହା ବିଚାରାଧୀନ ରହିଛି। ତେଣୁ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ, ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ରାଶି ପରିମାଣ ବୃଦ୍ଧି କରିବାକୁ ଦାବି କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଏରସମା,୨୫ା୧(ସମିସ): ଏରସମା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ସଭାରେ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ମୁଖ୍ୟ ଅତିଥିଭାବେ ଉପସ୍ଥିତ ହୋଇ କୁନି କୁନି ଶିଶୁ ହିଁ ଦେଶର ଭବିଷ୍ୟତ ବୋଲି କହିଥିଲେ। ଏଥିରେ ଓଡିଶା ଶିକ୍ଷା ବିକାଶ ସମିତି ସମ୍ପାଦକ କମଳା କାନ୍ତ ମିଶ୍ର ମୁଖ୍ୟବକ୍ତା ଭାବରେ ଉପସ୍ଥିତ ରହି ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶୁଙ୍କ ବୌଦ୍ଧିକ ବିକାଶରେ ସହାୟକ ହୁଏ ବୋଲି କହିଥିଲେ। ଏଥିରେ ତିର୍ତ୍ତୋଲ ଶିକ୍ଷା ମଣ୍ଡଳ ଅଧିକାରୀ ଅକ୍ଷୟ କୁମାର ବେହେରା, ପରିଚାଳନା କମିଟି ଉପସଭାପତି ଅକ୍ଷୟ କୁମାର ସ୍ୱାଇଁ, ସମ୍ପାଦକ ଉମେଶ କୁମାର ସେଠୀ, ପୂର୍ବତନ ସମ୍ପାଦକ ଜ୍ୟୋତି ରଞ୍ଜନ କୁଅଁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ହୋଇ ପିଲାମାନଙ୍କୁ କ୍ରୀଡା ଓ ଅଭିନୟ ଉପରେ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭଞ୍ଜନ ଦାସ ପ୍ରାରମ୍ଭିକ ଅଭିଭାଷଣ ଦେବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବାର୍ଷିକ କ୍ରୀଡା ଉତ୍ସବର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ




ବାଲିକୁଦା,୨୫ା୧(ସମିସ): ଓଡିଶା ସରକାରଙ୍କ 'ନୂଆ-ଓ' ଯୋଜନା ଦ୍ୱାରା ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ ଓ 'ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର' ସାହିତ୍ୟ ପ୍ରତିଯୋଗିତା ଅଧ୍ୟକ୍ଷା ଜ୍ୟୋତିମୟୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ଓଡ଼ିଆ ବିଭାଗ ଅଧ୍ୟାପିକା ଆରତୀ କୁମାରୀ ସ୍ୱାଇଁ ଓଡ଼ିଆ ଭାଷାର ମହତ୍ୱ ସମ୍ପର୍କରେ ଅଭିଭାଷଣ ସହ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସମ୍ପର୍କରେ ମତଦେବା ସଙ୍ଗେସଙ୍ଗେ ଓଡ଼ିଆ ଭାଷା ଇଂରାଜୀ ଭାଷା ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ଅଧ୍ୟାପିକା ଟ୍ୱିଙ୍କିଲ୍ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ସ୍ୱାମୀ ଅରୂପାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ "ନୂଆ-ଓ' କାର୍ଯ୍ୟକ୍ରମ




ରଘୁନାଥପୁର,୨୫ା୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ପଞ୍ଚାୟତ କୁର୍ତାଙ୍ଗ ସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟରେ "ନୂଆ-ଓ'ର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏନେଇ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡାକ୍ତର ନିଖିଳେଶ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ରୋଜାଲିନ ଜେନା, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ସମନ୍ୱିତ ରୋଗପୋକ ପରିଚାଳନା କେନ୍ଦ୍ରର ଓରିଏଣ୍ଟେସନ ପ୍ରୋଗ୍ରାମ

ପଟ୍ଟାମୁଣ୍ଡାଇ,୨୫ା୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡିଅଣ୍ଟା ପଞ୍ଚାୟତ ଆମ୍ବେର ଗ୍ରାମରେ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ଭୁବନେଶ୍ୱରର ଓରିଏଣ୍ଟେସନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୀବନକୃଷ୍ଣ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମନ୍ୱିତ ରୋଗପୋକ ପରିଚାଳନା କେନ୍ଦ୍ରର ସମସ୍ତ ଅଧିକାରୀ ଏବଂ ସହାୟକମାନେ ଯୋଗ ଦେଇ ସମନ୍ୱିତ ରୋଗ ପୋକ ପରିଚାଳନାର ବିଭିନ୍ନ ପଦ୍ଧତି ବିଷୟରେ ବୁଝାଇବା ସହ ବୈଜ୍ଞାନିକ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରର ମୁଖ୍ୟ ରାଜେନ୍ଦ୍ର ପ୍ରଧାନ ରାସାୟନିକ କୃଷି ଉତ୍ପାଦର ଅପକାରିତା ଏବଂ ଜୈବିକ ପଦ୍ଧତିର ଉପକାରିତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଏହା ବ୍ୟତୀତ ଟ୍ରାଇଗୋଡର୍ମାର ବହୁଳ ଉତ୍ପାଦନ, କୃଷିରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରର ବ୍ୟବହାର, ବିହନ ବିଶୋଧନର ପ୍ରୟୋଜନ, ବିଭିନ୍ନ ବଟାନିକାଲସର ଉତ୍ପାଦନ ଏବଂ ଆଇ.ପି.ଏମ ପଦ୍ଧତିରେ ପନିପରିବା ଚାଷ ବିଷୟରେ ତଥ୍ୟ ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ତରଫରୁ ସହାୟକ ବନସ୍ପତି ସଂରକ୍ଷଣ ଅଧିକାରୀ ଶୁଭାଶିଷ ସ୍ୱାଇଁ, ସହାୟକ ବନସ୍ପତି ସଂରକ୍ଷଣ ଅଧିକାରୀ ମଧୁସ୍ମିତା ପାତ୍ର, ବୈଜ୍ଞାନିକ ସହାୟକ ସୁଦପା ରାୟ, ଯାନ୍ତ୍ରିକ ସହାୟକ ଧ୍ରୁବ ଚରଣ ରାୟ ଯୋଗ ଦେଇଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ଡେରାବିଶ,୨୫ା୧(ସମିସ): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତା ସ୍ଥିତ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' ଯୋଜନା ଅନ୍ତର୍ଗତ ଯୁବ ଓଡ଼ିଶା ନବୀନ ଓଡ଼ିଶା ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଅଧକ୍ଷା ଡଃ ରତ୍ନମଣି ମିଶ୍ର ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବରେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଠାରେ ଥିବା ଅର୍ନ୍ତନିହିତ ପ୍ରତିଭାର ପରିପ୍ରକାଶ ଓ ଯୁବଶକ୍ତିକୁ ରାଜ୍ୟର ସମୃଦ୍ଧିରେ ସୁବିନିଯୋଗ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ଡେରାବିଶ ବିଡ଼ିଓ ଦାସରଥି ଜେନା, ମହାବିଦ୍ୟାଳୟ ପାରିଚାଳନା କମିଟିର ପୂର୍ବତନ ସଭାପତି ଜୟଦେବ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ ଓ ମୁକୁନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି ଯୋଗଦେଇ ୫-ଟି ଯୋଜନାରେ ମହାବିଦ୍ୟାଳୟ ମାନଙ୍କର ଭିତ୍ତିଭୂମିର ଉନ୍ନତି ହୋଇ ପାରିଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପିକା ସୁଶ୍ରୀ ଗାୟତ୍ରୀ ଦାସ ଅତିଥି ପରିଚୟ, ଅଧ୍ୟାପିକା କନକଲତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଶେଷରେ ଅଧ୍ୟାପିକା ଜ୍ୟୋସ୍ନାମୟୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ନୋଡାଲ୍ ଅଧିକାରୀ ଅଧ୍ୟାପିକା ପୁଷ୍ପିତା ରାଉତ, ନୋଡାଲ ଅଧିକାରୀ କାନ୍ତିମୟୀ ପଣ୍ଡା, ମିନତି ପ୍ରଭା ବିହାରୀ, ଚିନ୍ମୟୀ ପଣ୍ଡା,ଅଧ୍ୟାପକା ଦିଲ୍ଲୀପ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



ରାଜନଗର,୨୫ା୧(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' ଓଡିଶା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଓଡିଆ ସାହିତ୍ୟ ପ୍ରତିଯୋଗିତାରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ ମୁଖ୍ୟ ଅତିଥି, ପ୍ରାକ୍ତନ ଶିକ୍ଷକ ଅନାଦୀ ଚରଣ ଜେନା ମୁଖ୍ୟବକ୍ତା, ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗର ପ୍ରାକ୍ତନ ଅଧ୍ୟାପକ ଗଣେଶ୍ୱର ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପକ ବନୋଜ କୁମାର ପରିଡା, ବୈକୁଣ୍ଠ ନାଥ ବାରିକ, ବୈଲୋଚନ ରାଉତ, ଉମାକାନ୍ତ ମିଶ୍ର, ଗିରିଶ କୁମାର ନାୟକ, ଜ୍ୟୋତ୍ସ୍ନାବାଳା ଦାସ, କିଶୋର ଚନ୍ଦ୍ର ଚୌଧୂରୀ, ଚୌଧୂରୀ ଜୟନ୍ତ କୁମାର ପ୍ରହରାଜ, ବସନ୍ତ କୁମାର ରାଉଳ, ଜାମିନୀକାନ୍ତ ରାଉଳ, ଅଶୋକ କୁମାର ରାଉତ, ଦିଗମ୍ବର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଥଇଥାନ ହେଲେ ଅସହାୟ ମହିଳା ଓ ୨ ସନ୍ତାନ

**ଜଗତସିଂହପୁର,୨୫ା୧(ସମିସ):** ଜିଲ୍ଲାର ତିର୍ତ୍ତୋଲ ସାମନ୍ତରାପୁର ପଞ୍ଚାୟତର ଅସହାୟ ମହିଳା ସରିତା ପାତ୍ର (୩୫) ଓ ତାଙ୍କର ଦୁଇ ଶିଶୁଙ୍କୁ ଥଇଥାନ କରାଯାଇଛି। ସରିତା ଶାଶୁଘରେ ନିର୍ଯ୍ୟାତିତ ହେବାପରେ ୨ ପିଲାଙ୍କ ସହ ଚାରି ବର୍ଷ ତଳେ ବାପଘରେ ଆଶ୍ରୟ ନେଇଥିଲେ। ମାତ୍ର ବାପଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସରିତା ୨ ପିଲାଙ୍କୁ ଧରି ଅନେକ ସମୟ ଭୋକ ଉପାସରେ ରହୁଥିଲେ। ହଂସୁରା ପୂର୍ବତନ ସରପଞ୍ଚ ତାପସ ଚନ୍ଦ୍ର ରାଉତରାୟ ଓ ମାନବାଧିକାର ପରିଷଦ ସଭାପତି ଗଗନ ବିହାରୀ ପୃଷ୍ଟି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିଥିଲେ। ଆଜି ଶ୍ରୀମତୀ ଆଚାର୍ଯ୍ୟ ତାପସ ଚନ୍ଦ୍ର ରାଉତରାୟ, ସ୍ମୃତିରଞ୍ଜନ ଚୁଳିଙ୍କ ସହଯୋଗରେ ସରିତା ଓ ଦୁଇ ପୁଅଙ୍କୁ ନେଇ ନୀଳାଚଳ ସେବା ପ୍ରତିଷ୍ଠାନ କଣାସର ଜାଗୃତି-୨ ଠାରେ ଥଇଥାନ କରିଛନ୍ତି। ପ୍ରତିଷ୍ଠାନ ପିଲାଙ୍କ ପାଠ ପଢା ସହ ଖାଇବା ପିଇବା ଦାୟିତ୍ୱ ନେବା ସହିତ ନୀଳାଚଳ ସେବା ପ୍ରତିଷ୍ଠାନରେ ସରିତାଙ୍କୁ ମଧ କର୍ମନିଯୁକ୍ତି ମିଳିବ ବୋଲି ଅନୁଷ୍ଠାନର ମୁଖ୍ୟ ସୁବାସ ଚନ୍ଦ୍ର ଗଜେନ୍ଦ୍ର, କୃଷ୍ଣଚନ୍ଦ୍ର ନିଶଙ୍କ, ବିନୋଦିନୀ ସାହୁ ପ୍ରମୁଖ ପ୍ରତିଶ୍ରୁତି ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ଏରସମା,୨୫ା୧(ସମିସ): ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଧବାର ନାରଦିଆ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ସରପଞ୍ଚ ସୀମାଇଁ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରଫୁଲ୍ଲ ପାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତପନ କୁମାର ଚୌଧୁରୀ, ଡବ୍ଲୁଓ ଗୁରୁପ୍ରସନ୍ନ ସାହୁ, ପଞ୍ଚପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର, ମିଶନ ଶକ୍ତିର ଜ୍ଞାନ ରଞ୍ଜନ ବାରିକ, ସମାଜସେବୀ ବାବାଜୀ ମହାନ୍ତି, ଜିଆରଏସ ସାରଥି ଲେଙ୍କା, ଏମବିକେ ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରାଇଥିଲେ। ସମସ୍ତ ୱାର୍ଡ ସଭ୍ୟସଭ୍ୟା, ପଞ୍ଚାୟତର ସମସ୍ତ ସିଆରପି, ଇସି ମେମ୍ବର ଏବଂ ଶତାଧିକ ପଞ୍ଚାୟତ ବାସୀଉପସ୍ଥିତ ଥିଲେ। ସେହିପରି ଗୋଡ଼ ପଞ୍ଚାୟତର ହାଇସ୍କୁଲ ପଡ଼ିଆରେ ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବାରିକ, ମିଶନ ଶକ୍ତିର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଜ୍ଞାନ ରଞ୍ଜନ ବାରିକ, ଜିଆରଏସ ମନୋରମା ରାଉତ, ଏମବିକେ ଲତିକା ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସଞ୍ଜୟ ଦାସ ପଞ୍ଚାୟତରେ କରାଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଘୋଡା ନାଚ ମାଧ୍ୟମରେ ସରକାରଙ୍କ ଜନହିତକର କାର୍ଯ୍ୟ ପରିବେଷଣ କରାଯାଇଥିଲା। ସେହିପରି ସୋମପୁର ପଞ୍ଚାୟତରେ ସରପଞ୍ଚ ସୁକାନ୍ତି ରାଉତଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ ଦାସ, ପଞ୍ଚାୟତର ଜିଆରଏସ, ଏମ୍‌ବିକେ, ୱାର୍ଡସଭ୍ୟ ସଭ୍ୟା, ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ତିର୍ତ୍ତୋଲ,୨୫ା୧(ସମିସ): ମଣିଜଙ୍ଗା ଜଳସେଚନ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଅଧୀକ୍ଷଣ ଯନ୍ତ୍ରୀ ମହାନଦୀ ଦକ୍ଷିଣ ବିଭାଜନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ମୁଖ୍ୟବକ୍ତା ନିମକଣାସ୍ଥିତ ଜିଲ୍ଲା କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଜୀବନଜୀତ ସେନ, ସମ୍ମାନିତ ଅତିଥି ତିର୍ତ୍ତୋଲ କୃଷି ଅଧିକାରୀ ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ ପ୍ରମୁଖ ପାଣି ପଞ୍ଚାୟତ ତଥା ଚାଷୀମାନଙ୍କୁ ଉଦବୋଧନ ଦେଇ କୃଷି ଓ କୃଷକର ଉନ୍ନତି ଉପରେ ଆଲୋକପାତ କରିଥିଲେ। ଜଗତସିଂହପୁର ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ତଥା ବିଭାଜନସ୍ତରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପାଣି ପଞ୍ଚାୟତ ସମ୍ବନ୍ଧରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୋବିନ୍ଦପୁର ପାଣି ପଞ୍ଚାୟତ ଜିଲାର ଶ୍ରେଷ୍ଠ ପାଣି ପଞ୍ଚାୟତ ଓ ଜିଲାର ୧୬ଜଣ ଶ୍ରେଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମରଜ୍ୟୋତି ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୃଷି ବିଭାଗ ସମେତ ବିଭିନ୍ନ ବିଭାଗର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ନିର୍ବାହୀ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ମଣିଜଙ୍ଗା ଓ ସମାଗୋଳ ଉପବିଭାଜନର ସମସ୍ତ ସହକାରୀ ଯନ୍ତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଅରିରିକ୍ତ ନିର୍ବାହୀ ଯନ୍ତ୍ରୀ ଇଂ ନରେନ୍ଦ୍ର କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ଭାଷା ସାହିତ୍ୟର ଆଲୋଚନାଚକ୍ର

କୁଜଙ୍ଗ,୨୫ା୧(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ସ୍ଥିତ କମଳାଦେବୀ ମହିଳା ଉଚ୍ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡିଆ ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ଅନ୍ତର୍ଗତ ଆଲୋଚନଚକ୍ର 'ଓଡିଆ ଭାଷା ସହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଏବଂ 'ଜଗନ୍ନାଥ ସଂସ୍କୃତି ଓ ଜନଜୀବନ' ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସବିତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଦୁଇ ଆଲୋଚନାଚକ୍ରରେ ଆଲୋଚକ ଭାବେ ଯଥାକ୍ରମେ ପ୍ରାକ୍ତନ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଡଃ ସୁବାସ ଚନ୍ଦ୍ର ବିଶ୍ୱାଳ ଏବଂ ଶୈଳବାଳା ସରକାରୀ ମହାବିଦ୍ୟାଳୟର ଓଡିଆ ଭଷା ଓ ସାହିତ୍ୟର ପ୍ରାଧ୍ୟାପକ ଡଃ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ ସଂକଟ ଦେଇ ଯାଉଥିଲେ ମଧ ଓଡିଆ ଭାଷାର ଭବିଷ୍ୟତ ଯେ ଉଜ୍ଜ୍ୱଳ ତାହାକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ବାନାମ୍ବର ଶତପଥ, ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ, ନୋଡାଲ ଅଧିକାରୀ ଶକୁନ୍ତଳା ବେହେରା ଯୋଗ ଦେଇଥିଲେ।

## ମୋଦୀ ସରକାରଙ୍କ କର୍ପୋରେଟ୍ ପ୍ରୀତିକୁ ବିରୋଧ

# ୨୬ରେ କିଷାନ-ମଜଦୁର ଟ୍ରାକ୍ଟର ଶୋଭାଯାତ୍ରା

**କେନ୍ଦ୍ରାପଡା,୨୫ା୧(ସମିସ):**




ସଂଯୁକ୍ତ କିଷାନ ମୋର୍ଚ୍ଚା ନେତୃତ୍ୱରେ ଐତିହାସିକ କୃଷକ ଆନ୍ଦୋଳନ ଉପରେ ୨୬ ଜାନୁଆରୀରେ ହୋଇଥିବା ଦମନଲୀଳାର ସ୍ମାରକୀ ଉଦ୍ଦେଶ୍ୟରେ ଆଗାମୀ ୨୬ ତାରିଖରରେ କିଷାନ-ମଜଦୂର ମିଳିତ ମଞ୍ଚ ପକ୍ଷରୁ ଦେଶ ବ୍ୟାପୀ ଟ୍ରାକ୍ଟର ଶୋଭାଯାତ୍ରାର ଆହ୍ୱାନ ଦିଆଯାଇଛି। ୍ର ମୋଦୀ ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ନୀତି ଫଳରେ ଦେଶରେ କୃଷକ, ଶ୍ରମିକ ଓ ସାଧାରଣ ବର୍ଗର ଆର୍ଥିକ ସ୍ଥିତି କ୍ରମେ ବିପନ୍ନ ହେବାରେ ଲାଗିଛି। ଦେଶରେ ଧର୍ମୀୟ ଉନ୍ମାଦନା ସୃଷ୍ଟି କରି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା, ଭାଇଚାରା ଓ ସଂହତି ବିପନ୍ନ କରୁଥିବା କେନ୍ଦ୍ର ସରକାରଙ୍କ ବିଭାଜନକାରୀ ନୀତି ବିରୋଧରେ ଦେଶର ଶ୍ରମିକ-କୃଷକ ତଥା ଦେଶପ୍ରେମୀ ଜନଗଣଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ୨୬ ଜାନୁଆରୀରେ ହେଉଥିବା ଏହି ଟ୍ରାକ୍ଟର ଶୋଭାଯାତ୍ରାକୁ କେନ୍ଦ୍ରାପଡା ଜିଲ୍ଲାରେ ସଫଳ କରିବା ନିମନ୍ତେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ବିକାଶ ସାମ୍ମୁଖ୍ୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇ.ଏନ.ଟି.ୟୁ.ସି. ଜିଲ୍ଲା ସଭାପତି ମୁକ୍ତାର ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କିଷାନ ମୋର୍ଚ୍ଚାର ଆବାହକ ମଣ୍ଡଳୀ ସଦସ୍ୟ, ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, କିଷାନ କଂଗ୍ରେସ ନେତା ଚିତ୍ରସେନ ପରିଡା, ପଦ୍ମନାଭ ଦାସ, ବିଜୟ ଦାସ, ରମେଶ ଚନ୍ଦ୍ର ପ୍ରଧାନ, ସେକ୍ ଅଜମତୁଲ୍ଲା, ମହମ୍ମଦ ସାହିଲ ଫୟାଜ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଆସନ୍ତା ୨୬ରେ ହେବାକୁ ଥିବା ଟ୍ରାକ୍ଟର ଶୋଭାଯାତ୍ରାକୁ କେନ୍ଦ୍ରାପଡାରେ ସଫଳ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କେନ୍ଦ୍ରାପଡା ସହରରେ ସାନ୍ତସାହି ପୋଲ ନିକଟରୁ ଅପରାହ୍ନ ୩ଟାଠାରୁ ହେବାକୁ ଥିବା ଏହି ଶୋଭାଯାତ୍ରାରେ କେନ୍ଦ୍ରାପଡାର ସମସ୍ତ ଗଣତନ୍ତ୍ର ପ୍ରେମୀ ଜନଗଣ ବହୁ ସଂଖ୍ୟାରେ ଯୋଗ ଦେବାକୁ ଶ୍ରମିକ ଓ କୃଷକ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

